## ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,କଟକ ସଦର

**ଆଦେଶ ସଂଖ୍ୟା** 317 **ତାରିଖ** 02.02.2026

ଏତଦ୍ୱାରା କଟକ ସଦର ପଞ୍ଚାୟତ ସମିତି ଅଧିନସ୍ଥ ନିମ୍ନଲିଖିତ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ସମସ୍ତ ଗ୍ରାମବାସୀମାନଙ୍କୁ ଜଣାଇଦିଆଯାଉଅଛି କି, ନିମ୍ନଲିଖିତ **୧(ଏକ)** ଗୋଟି ଅଙ୍ଗନବାଡି କେନ୍ଦ୍ରର ସହାୟିକା ପଦବୀ ପୂରଣ ନିମନ୍ତେ ମହିଳା ପ୍ରାର୍ଥିନୀଙ୍କଠାରୁ ଅନଲାଇନ ପୋର୍ଟାଲ ମାଧ୍ୟମରେ ଦରଖାସ୍ତ ଆହ୍ୱାନ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଅଛି। ଉକ୍ତ ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ। ଏଣୁ ନିମ୍ନ ଯୋଗ୍ୟତାଧିକାରୀ ପ୍ରାର୍ଥିନୀ ତା: **୦୩.୦୨.୨୦୨୬** ରିଖ ଠାରୁ ତା: **୧୭.୦୨.୨୦୨୬** ରିଖ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗଦ୍ୱାରା ପ୍ରସ୍ତୁତ ୱେବସାଇଟ (https://engagement-awc.odisha.gov.in)ରେ login କରି ଆବଶ୍ୟକୀୟ ଫର୍ମପୂରଣ କରି ନିଜର ପ୍ରମାଣ ପତ୍ର ସହିତ ଆବେଦନ କରିବେ। ନିର୍ଦ୍ଧାରିତ ତାରିଖ ଓ ସମୟ ବାହାରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ। ଏହା ବ୍ୟତୀତ ଅଫଲାଇନ ଆବେଦନ ଗ୍ରହଣ କରାଯିବ ନାହିଁ। **(ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଉକ୍ତ ବିଜ୍ଞାପନକୁ ଏବଂ ଗ୍ରହଣ କରାଯାଇଥିବା ସମସ୍ତ ଦରଖାସ୍ତକୁ ନାକଚ କରାଯାଇପାରିବ)। ଏଥି ପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ।)** ଆବେଦନ କରିଥିବା ପ୍ରାର୍ଥିନିମାନେ ତା:- **୧୮.୦୨.୨୦୨୬** ଦିବା **୧୧.୦୦** ଘଟିକା ସମୟରେ ଦରଖାସ୍ତ ସହିତ ଦାଖଲ କରିଥିବା ସମସ୍ତ ନକଲର ମୂଳ ପ୍ରମାଣ ପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଭାଗ ନେବେ। ନିର୍ଦ୍ଧାରିତ ଦିବସରେ ମୂଳ ପ୍ରମାଣ ପତ୍ର ସହ ଯାଞ୍ଚ କରାଇନପାରିଲେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ।

ସମସ୍ତ ଦରଖାସ୍ତଗୁଡିକୁ ମୂଳ ପ୍ରମାଣ ପତ୍ର ସହିତ ଯାଞ୍ଚ କଲାପରେ ଏକ ଯୋଗ୍ୟ ଆବେଦନକାରିଣୀଙ୍କ ତାଲିକା ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ନିମନ୍ତେ ତା:- **୧୮.୦୨.୨୦୨୬** ରିଖ ଦିନ ଏକ ଚିଠା ପ୍ରକାଶ କରାଯିବ। ଉକ୍ତ ଯୋଗ୍ୟ ତାଲିକା ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଥିଲେ, ସେ ସମ୍ବନ୍ଧେ ତା: **୧୯.୦୨.୨୦୨୬** ରିଖ ଠାରୁ ତା:-**୨୫.୦୨.୨୦୨୬** ରିଖ ମଧ୍ୟରେ ଆପତ୍ତି/ଅଭିଯୋଗ କେବଳ ଅନଲାଇନ ମାଧ୍ୟମରେ (https://engagement-awc.odisha.gov.in) ୱେବସାଇଟରେ ଅପଲୋଡ କରିପାରିବେ। ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଆପତ୍ତି/ ଅଭିଯୋଗର ଶୁଣାଣି କମିଟି ଦ୍ୱାରା ସାତ ଦିନ ମଧ୍ୟରେ ତଦାରଖ କରାଯିବ।

# ଗ୍ରାମୱାରି ଅଙ୍ଗନବାଡି ସହାୟିକା ଶୂନ୍ୟତା ବିବରଣୀ

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ଅଙ୍ଗନବାଡି କେନ୍ଦ୍ରର ନାମ | ନିର୍ଦ୍ଧାରିତ ପରିସରଭୁକ୍ତ ଅଞ୍ଚଳ | | |
|---|---|---|---|---|---|
| | | | ସାହିନାମ | ଆରମ୍ଭ ଗୃହ ସଂଖ୍ୟା ଏବଂ ପରିବାରର ମୁଖ୍ୟଙ୍କ ନାମ | ଶେଷ ଗୃହ ସଂଖ୍ୟା ଏବଂ ପରିବାରର ମୁଖ୍ୟଙ୍କ ନାମ |
| ୧ | ଛାରକଟା | ନନ୍ଦରପଦା | ପଣ୍ଡାସାହି | ଘର ନଂ-୧- ରାମଚନ୍ଦ୍ର ପଣ୍ଡା | ଘର ନଂ-୫୧-ବଂଶୀଧର ପଣ୍ଡା |
| | | | ନାୟକ ସାହି | ଘର ନଂ-୫୨-ଲିଙ୍ଗରାଜ ନାୟକ | ——— |
| | | | ମିଶ୍ର ସାହି | ଘର ନଂ-୫୩- ସୂର୍ଯ୍ୟକାନ୍ତ ମିଶ୍ର | ——— |
| | | | ଦାଶ ସାହି | ଘର ନଂ-୫୪- ଶ୍ରୀକୃଷ୍ଣ ଦାଶ | ——— |
| | | | ମୁଦୁଲି ସାହି | ଘର ନଂ-୫୫-ଶ୍ରୀଧର ମୁଦୁଲି | ଘର ନଂ-୫୭-ଚକ୍ରଧର ମୁଦୁଲି |
| | | | ବେହେରାସାହି | ଘର ନଂ-୫୮-ପୂର୍ଣ୍ଣଚନ୍ଦ୍ର ବେହେରା | ଘର ନଂ-୬୨- ପୂର୍ଣ୍ଣଚନ୍ଦ୍ର ବେହେରା |
| | | | କାଣ୍ଡି ସାହି | ଘର ନଂ-୬୩-ମକରଧ୍ୱଜ କାଣ୍ଡି | ଘର ନଂ-୬୮- ପ୍ରଭାକର କାଣ୍ଡି |
| | | | ରାଉତ ସାହି | ଘର ନଂ-୬୯-ସୁଧାକର ରାଉତ | ଘର ନଂ-୯୦-ଦିଲ୍ଲୀପ ରାଉତ |
| | | | ସ୍ୱାଇଁ ସାହି | ଘର ନଂ-୯୧- କିଶୋର ଚନ୍ଦ୍ର ସ୍ୱାଇଁ | ଘର ନଂ-୯୩- ଜୟନ୍ତୀ ସ୍ୱାଇଁ |
| | | | ସାହୁସାହି | ଘର ନଂ-୯୪-ସୌରଭ ସାହୁ | ——— |
| | | | ମହାନ୍ତି ସାହି | ଘର ନଂ-୯୫- ବିକ୍ରମ ମହାନ୍ତି | ଘର ନଂ-୧୩୮ -ଧନେଶ୍ୱର ମହାନ୍ତି |

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
କଟକ ସଦର
Child Development Project Officer, Cuttack Sadar

# <u>ଅଙ୍ଗନବାଡି ସହାୟିକା ଚୟନ ନିମନ୍ତେ ନିର୍ଦ୍ଦେଶାବଳୀ</u>

ଯୋଗ୍ୟତା: ଅଙ୍ଗନବାଡି କେନ୍ଦ୍ରଗୁଡିକରେ ସହାୟିକା ଚୟନ ପ୍ରକ୍ରିୟା ପାଇଁ ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଆବଶ୍ୟକ। (ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା-**4970/WCD-ICDS-G-MISC-0032-20234970/15/03/2023)**

୧. ପ୍ରାର୍ଥୀନୀ ଦରଖାସ୍ତ ଆହ୍ୱାନ କରାଯାଇଥିବା କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ। କେବଳ କେନ୍ଦ୍ର ପାଇଁ ଚିହ୍ନଟ କରାଯାଇଥିବା ସର୍ଭେ ଅଞ୍ଚଳ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀନୀ ଦରଖାସ୍ତ ଆବେଦନ କରିପାରିବେ ଏବଂ ଅଙ୍ଗନବାଡି କର୍ମୀଙ୍କ ପାଇଁ ଗ୍ରହଣୀୟ ହେବା ଆବଶ୍ୟକ।

୨. ବୟସ- ପ୍ରାର୍ଥୀନୀଙ୍କ ବୟସ ୦୧.୦୧.୨୦୨୬ ସୁଦ୍ଧା ୧୮ବର୍ଷରୁ କମ ଏବଂ ୩୫ବର୍ଷରୁ ଊର୍ଦ୍ଧ୍ୱହୋଇ ନ ଥିବା ଦରକାର।

୩. ଅଙ୍ଗନବାଡି ସହାୟିକା ଚୟନ ପାଇଁ ପ୍ରାର୍ଥୀନୀଙ୍କର ସର୍ବ ନିମ୍ନ ଶିକ୍ଷାଗତ ଯୋଗ୍ୟତା ଅତିକମରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ହୋଇଥିବା ଦରକାର ।

୪. ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଆଧାରରେ ଆବେଦନକାରିଣୀଙ୍କ ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ। ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରିବର୍ତ୍ତୀ ପରୀକ୍ଷା ଦେଇ ପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହି ସ୍ଥାନରେ ଯୋଡିବା ଏବଂ ଏହି ଅନୁଯାୟୀ ଶତକଡା ଗଣନା କରାଯିବ। ଏହା ବ୍ୟତୀତ ଅତିରିକ୍ତ ପଏଣ୍ଟ ପ୍ରଦାନର ବିବରଣୀ:-

| କ୍ରମିକସଂଖ୍ୟା | ବର୍ଗ | ଅତିରିକ୍ତପଏଣ୍ଟ |
|---|---|---|
| ୧. | ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି | ୧୦ |
| ୨. | ବିଧବା | ୧୦ |
| ୩. | ଅନାଥ ଝିଅ(ଜୈବିକ କିମ୍ବା ଆଇନଗତ ପିତା-ମାତା ନ ଥିବା) | ୧୦ |
| ୪. | ନିରାଶ୍ରୟ/ ଛାଡପତ୍ର ପ୍ରାପ୍ତ/ପରିତ୍ୟକ୍ତ ମହିଳା | ୫ |
| ୫. | ଯଦି ପ୍ରାର୍ଥିନୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଛନ୍ତି | ୫ |

୫. ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା, ସ୍ୱାମୀପରିତ୍ୟକ୍ତା ମହିଳା, ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳାଙ୍କୁ ପ୍ରାର୍ଥମିକତା ଦିଆଯିବା ଉଚିତ।

୬. ଅଙ୍ଗନବାଡି ସହାୟିକା ଚୟନ ପାଇଁ ଓଡିଆ ଭାଷା ଜ୍ଞାନ ବାଧ୍ୟତାମୂଳକ । ମହିଳା ଏବଂ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା - **୧୫୦୧୫ / WCD ତା: ୧୫-୦୭-୨୦୨୪** ଲିଖିତ ଅନୁଯାୟୀ ପ୍ରାର୍ଥୀନୀ ଓଡ଼ିଆ ପଢ଼ିପାରୁଥିବା, ଲେଖିପାରୁଥିବା ଏବଂ କହିପାରୁଥିବା ଆବଶ୍ୟକ । ଏହା ସହିତ ସେ:(i) ମାଧ୍ୟମିକ ସ୍କୁଲ ପରୀକ୍ଷାରେ ଓଡିଆ ପ୍ରଥମ ଭାଷା ଭାବରେ ପାସ କରିଥିବା ଆବଶ୍ୟକ। କିମ୍ବା (ii) ସେ ହାଇସ୍କୁଲ ସାର୍ଟିଫିକେଟ କିମ୍ବା ଏହା ସମାସନ ପରୀକ୍ଷାରେ ଓଡିଆରେ ଏକ ଅଣ-ଭାଷା ଭାବରେ ପାସ କରିଥିବା ଆବଶ୍ୟକ । କିମ୍ବା(iii) ସେ କୌଣସି ସ୍କୁଲ କିମ୍ବା ଓଡିଶା ସରକାର କିମ୍ବା କେନ୍ଦ୍ର ସରକାର ଦ୍ୱାରା ମାନ୍ୟତା ପ୍ରାପ୍ତ ଶିକ୍ଷା ଅନୁଷ୍ଠାନରୁ ସପ୍ତମ ଶ୍ରେଣୀ ଫାଇନାଲ ପରୀକ୍ଷାରେ ଓଡିଆ ପ୍ରଥମ ଭାଷା ଭାବରେ ପାସ କରିଥିବା ଆବଶ୍ୟକ । (iv) ମାଧ୍ୟମିକ ଇଂଲିଶ medium ସ୍କୁଲରୁ ଓଡିଶା ସରକାରର ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ ଓଡିଆ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ ।

୭. ଅଙ୍ଗନବାଡି ସହାୟିକା ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ ଅଙ୍ଗନବାଡି କେନ୍ଦ୍ରରେ ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନବାଡି କର୍ମୀଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ହେବା ଉଚିତ।

୮. ଅଙ୍ଗନବାଡି ସହାୟିକା ସରକାରୀ କର୍ମଚାରୀ ନୁହନ୍ତି। ସେ ଜଣେ ସ୍ୱେଚ୍ଛାସେବି ଭାବେ କାର୍ଯ୍ୟ କରିବେ। ତେଣୁ ଏହି ସହାୟିକା ଚୟନ ପାଇଁ ଓଆରଭି (ORV Act, SC and ST,1975 and Employment Exchange Act,1959) ଲାଗୁହେବନାହିଁ।ଓଡିଶାସରକାରଙ୍କସଂରକ୍ଷଣ(ଓରଭୀ) ନିୟମ ଏହି ଚୟନରେ ଲାଗୁ ହେଉନାହିଁ।

୯. ଅଙ୍ଗନବାଡି ସହାୟିକାଙ୍କ ମାସିକ ଭତ୍ତା ସରକାରଙ୍କ ନିୟମାବଳୀ ଅନୁସାରେ ପ୍ରଦାନ କରାଯିବ ।

୧୦.ଅଙ୍ଗନବାଡି ସହାୟିକା ଭବିଷ୍ୟତରେ ସ୍ଥାୟୀ ନିଯୁକ୍ତି ନିମନ୍ତେ ଦାବି କରିପାରିବେ ନାହିଁ ।

## କିପରି ଆବେଦନ କରିବେ:-

୧) ଆବେଦନକାରିଣୀ ଅନଲାଇନ ମାଧ୍ୟମରେ(https://engagement-awc.odisha.gov.in) ୱେବସାଇଟକୁ ଯାଇ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ପ୍ରମାଣ ପତ୍ର ଗୁଡିକ ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

୨) ପ୍ରାର୍ଥିନୀ ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ରର ଅବିକଳ ନକଲ ଅନଲାଇନ ମାଧ୍ୟମରେଅପଲୋଡକରିବେ।(ବିଜ୍ଞାପନ ପ୍ରକାଶ ପାଇବାର ୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ)।

୩) ପ୍ରାର୍ଥିନୀ ହରିଜନ/ ଆଦିବାସୀ ହୋଇଥିଲେ ତହସିଲଦାରଙ୍କ ଠାରୁ ପ୍ରାପ୍ତ ଜାତିଗତ ପ୍ରମାଣ ପତ୍ରର ଅବିକଳ ନକଲ ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

**୪) ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର(ସାର୍ଟିଫିକେଟ) ଏବଂ ମାର୍କସିଟର ଅବିକଳ ନକଲ ଅନଲାଇନ ମାଧ୍ୟମରେ ଅପଲୋଡ୍ କରିବା ଆବଶ୍ୟକ । ଯଦି ପ୍ରାର୍ଥିନୀ କୌଣସି ଗୋଟିଏ ବି ପ୍ରମାଣ ପତ୍ର ଅନଲାଇନ ମାଧ୍ୟମରେ ଅପଲୋଡ କରିନଥିବେ ତାହେଲେ ତାଙ୍କର ପ୍ରାର୍ଥିତ୍ୱକୁ ଯାଞ୍ଚ କମିଟି ଦ୍ୱାରା ନାକଚ କରାଯିବ ।**

୫) (କ) ପ୍ରାର୍ଥିନୀ ବିଧବା ଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରୁ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଅନଲାଇନ ମାଧ୍ୟମରେ ଅପଲୋଡ କରିବା ଆବଶ୍ୟକ ।

(ଖ) ଅନାଥ ହୋଇଥିଲେ (ସରକାରୀ ସ୍ୱୀକୃତି ପ୍ରାପ୍ତ ଅନାଥାଶ୍ରମ ,ଦାତବ୍ୟ ଆଶ୍ରୟ ସ୍ଥଳର ମ୍ୟାନେଜରଙ୍କ ଠାରୁ ପ୍ରମାଣ ପତ୍ର ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

(ଗ)ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ (ଅଦାଲତରୁ ପ୍ରମାଣିତ) ପ୍ରମାଣ ପତ୍ର ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

(ଘ)ନିଃସ୍ୱ(Destitute), ପରିତ୍ୟକ୍ତା (Deserted) ହୋଇଥିଲେ ତହସିଲଦାରଙ୍କ ଠାରୁ ବିଧିବଦ୍ଧ ପ୍ରମାଣ ପତ୍ର ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

୬) ବୟସ ପ୍ରମାଣ ପତ୍ରର ଅବିକଳ ନକଲ (ମାଟ୍ରିକ ସାର୍ଟିଫିକେଟ), ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

୭) ଆବେଦନକାରିଣୀ ନିଜର ପାସପୋର୍ଟ ସାଇଜ ଫଟୋ ଏବଂ ଦସ୍ତଖତ ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

ଯଦି ପ୍ରାର୍ଥିନୀଙ୍କ ଜାତି/ ସ୍ଥାୟୀ ବାସିନ୍ଦା/ ଶିକ୍ଷାଗତ ପ୍ରମାଣ ପତ୍ରରେ କୌଣସି ମିଥ୍ୟା ତଥ୍ୟ ଚିହ୍ନଟ ହୁଏ, ତେବେ ପ୍ରାର୍ଥିନୀଙ୍କ ଦରଖାସ୍ତ ନାକଚ କରାଯିବା ସହିତ ସରକାରୀ ନିୟମ ଅନୁଯାୟୀ ଦଣ୍ଡିତ ହେବେ।

02.02.26

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କଟକ ସଦର
02.02.26

ପରିପତ୍ର ସଂଖ୍ୟା ୨୧୫(୩) ତା 02.02.2026

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ,ଅଙ୍ଗନବାଡି କେନ୍ଦ୍ରରେ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରଚାର ନିମନ୍ତେ ଲଗାଗଲା ଓ ସମ୍ପୃକ୍ତ ଗ୍ରାମରେ ବହୁଳ ପ୍ରଚାର ନିମନ୍ତେ ଅଙ୍ଗନବାଡି କର୍ମୀଙ୍କୁ ପ୍ରେରଣ କରାଗଲା।

02.02.26

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
କଟକ ସଦର
Cuttack Sadar
02.02.26

ପରିପତ୍ର ସଂଖ୍ୟା 319(3) ତା 02.02.2026

ଏହାର ନକଲ ସମ୍ପୃକ୍ତ ପରିଦର୍ଶିକା/ସରପଞ୍ଚ/ସ୍ୱାସ୍ଥ୍ୟ କର୍ମୀଙ୍କ ଅବଗତି ନିମନ୍ତେ ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
କଟକ ସଦର

ପରିପତ୍ରସଂଖ୍ୟା 320(6) ତା 02.02.2026

ଏହାର ନକଲ ଉପଜିଲ୍ଲାପାଳ,କଟକ ସଦର/ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,କଟକ/ ମଣ୍ଡଳ ଉନ୍ନୟନ ଅଧିକାରୀ,କଟକ ସଦର/ ଅଧ୍ୟକ୍ଷ,ପଞ୍ଚାୟତ ସମିତି,କଟକ ସଦର/ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ବେଣ୍ଟକାର/ମଣ୍ଡଳ ଶିକ୍ଷା ଅଧିକାରୀ(BEO),କଟକ ସଦରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Development Project Officer
କଟକ ସଦର
Cuttack Sadar